# ପଟିଆଠାରେ ମଣି ତିରୁମାଲା ଆବାସିକ ପ୍ରକଳ୍ପ




(ବାମରୁ) ସଂଜୟ ଝୁନଝୁନୱାଲା, ମାର୍କ ମାର୍ଶାଲ

ଭୁବନେଶ୍ୱର (ସବ୍ୟୁ): କୋଲକତା ଭିତ୍ତିକ ରିଅଲଇଷ୍ଟେଟ୍ କମ୍ପାନି ମଣିଗ୍ରୁପ ଭୁବନେଶ୍ୱରର ପଟିଆଠାରେ ଏକ ଆବାସିକ ପ୍ରକଳ୍ପ ନିର୍ମାଣ କରିବା ବିଷୟ ଘୋଷଣା କରିଛି। ପ୍ରାୟ ୧.୨ନିୟୁତ ବର୍ଗଫୁଟ୍ ପରିମିତ ଅଞ୍ଚଳରେ ନିର୍ମିତ ହେବାକୁଥିବା ଏହି ପ୍ରକଳ୍ପରେ କମ୍ପାନି ପ୍ରାୟ ୪୩୦ କୋଟି ଟଙ୍କା ବିନିଯୋଗ କରିବ ବୋଲି ଏହାର ସିଇଓ ସଂଜୟ ଝୁନଝୁନୱାଲା କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ପ୍ରାୟ ୩୦ରୁ ୩୧ ମାସ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ଏଥିରେ ବିଭିନ୍ନ ଧରଣର ପ୍ରାୟ ୫୮୮ଟି ଫ୍ଲାଟ୍ ରହିବ। ବର୍ଗଫୁଟ ପିଛା ଫ୍ଲାଟ ଗୁଡିକର ଦର ୩୧୦୦ ଟଙ୍କା ରହିବ। ମୋଟାମୋଟିଭାବେ ଫ୍ଲାଟ ଗୁଡିକର ଦର ୪୦ଲକ୍ଷରୁ ୭୦ଲକ୍ଷ ଟଙ୍କା ମଧ୍ୟରେ ରହିବ।

ରାଜ୍ୟରେ ମଣିଗ୍ରୁପର ପ୍ରଥମ ପ୍ରକଳ୍ପ ହୋଇଥିବାବେଳେ ଆଗାମୀ ଦିନରେ ହୋଟେଲ,ରିଟେଲ ଓ ଅନ୍ୟାନ୍ୟ କମର୍ସିଆଲ ପ୍ରକଳ୍ପ କ୍ଷେତ୍ରରେ ପ୍ରବେଶ କରିବାକୁ ଯୋଜନା ରହିଛି ବୋଲି ସେ କହିଛନ୍ତି। ୧୩ ରୁ ୧୪ତାଲା ବିଶିଷ୍ଟ ୧୧ଟି ଟାୱାରରେ ବିଭକ୍ତ ଏହି ବିଶାଳ ଆବାସିକ ବହୁତଳ ଅଟ୍ଟାଳିକା ସମୂହ ସୁଖ ଓ ସ୍ୱାଚ୍ଛନ୍ଦ୍ୟର ଜୀବନ ପାଇଁ ହିଁ ପ୍ରସ୍ତୁତ କରାଯାଇଛି ବୋଲି କମ୍ପାନି ଦାବି କରିଛି। ନନ୍ଦନକାନନ ରାସ୍ତାରେ ଅବସ୍ଥିତି ପାଇଁ ଏହା ସହର ସହିତ ଉତ୍ତମ ଭାବେ ସଂଯୁକ୍ତ। ଦୋକାନ ବଜାର ସମୂହ ଯଥା ପଟିଆ ବିଗବଜାର,ବ୍ୟବସାୟିକ ପ୍ରତିଷ୍ଠାନ,ଶିକ୍ଷାନୁଷ୍ଠାନ ତଥା ବିକାଶମୁଖୀ ସୂଚନା ପ୍ରଯୁକ୍ତି ବିଦ୍ୟାର ପେଣ୍ଠସ୍ଥଳୀ ଇନଫୋସିଟି ନିକଟରେ ଏହା ଅବସ୍ଥିତ।

ଏହି ମଣି ତିରୁମାଲା ଆବାସିକ ବହୁତଳ ଅଟ୍ଟାଳିକା ୭ଭାଗ ସବୁଜ ଖାଲି ସ୍ଥାନ ସହ ଦେଇପାରିବ ସବୁପ୍ରକାରର ଅତ୍ୟାଧୁନିକ ସୁବିଧାସୁଯୋଗ। ସର୍ବାଧୁନିକ ନିର୍ମାଣ ଜ୍ଞାନକୌଶଳ ବ୍ୟବହାର କରି ଏହି ପ୍ରକଳ୍ପଟି ପ୍ରସ୍ତୁତ ହେବ ବୋଲି କମ୍ପାନିର ଇଂଜିନୟରିଂ ଡିଭିଜନର ଅଧ୍ୟକ୍ଷ ମାର୍କ ମାର୍ଶାଲ। ୮୦ଭାଗ ଫ୍ଲାଟ୍ ପାଇଁ ତିନିଦିଗରେ ଖୋଲାସ୍ଥାନ,ପାଣି ବିଶୋଧନାଗାର,ପ୍ରଶସ୍ତ ପାର୍କିଂ,ଉଚ୍ଚମାନର ସୁରକ୍ଷା ବ୍ୟବସ୍ଥା,ସ୍ପା,ସ୍ୱିମିଂ ପୁଲ,ଜିମ୍,ଯୋଗକେନ୍ଦ୍ର,କଫିସପ୍ ଇତ୍ୟାଦି ଏହା ମଧ୍ୟରେ ରହିବ।